Download Tech Of World App

WtsApp/Call- 8596976190

# OSSTET Exam- Mock Test, PYQS , Note, E-Books Get Now On App




## Tech Of World

## Download App

GET IT ON Google Play

## Click Here

YouTube- Click Here

Telegram- Click Here

Facebook- Click Here

Join Us-

TOW

Download Tech Of World App
WtsApp/Call- 8596976190

Techofworld.In

## A – SECTION – I
## ODIA ( COMPULSORY )

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ ( ନଂ 1 ରୁ 5 ପର୍ଯ୍ୟନ୍ତ) ଗୁଡ଼ିକର ଉତ୍ତ ବାଛ :

ପ୍ରତି ନୂତନ ଯୁଗ ମଣିଷପାଇଁ ନୂଆ ସତ୍ୟ, ଜୀବନର ନୂଆ ରୂପ, ନୂଆ ଅର୍ଥ, ନୂଆ ଯନ୍ତଣାର ସମ୍ଭାବନା ନେଇ ଆସେ । ମଣିଷକୁ ଗ୍ରେଲେଞ୍ଜ୍ କରି ଆସେ । ତା'ର ଆହ୍ୱାନକୁ କର୍ଣ୍ଣପାତ ନ କରି ଆମେ ଅତୀତର ଜୀବନ୍ୟାସପାଇଁ ତନ୍ତସାଧନା କରୁଛୁ । ପ୍ରତି ନୂତନ ଯୁଗରେ ମଣିଷ ଅନେକ ରାଜ୍ୟ ହରାଏ, ପୁଣି ଅନେକ ନୂଆ ରାଜ୍ୟ ଜିଣିନିଏ । ମାତ୍ର ଯେଉଁ ସ୍ତମ୍ଭମାନଙ୍କ ଉପରେ ଆଧୁନିକ ସମାଜ ପ୍ରତିଷ୍ଠିତ, ଯେଉଁ ସେନାପତିଙ୍କ ସାହାଯ୍ୟରେ ଆମେ ନୂତନ ରାଜ୍ୟ ଜିଣନ୍ତୁ, ସେମାନଙ୍କୁ ଆମେ କେଉଁ ଦୃଷ୍ଟିରେ ଦେଖୁ ? ଗୋଟିଏ ଗଣତାନ୍ତ୍ରିକ ସମାଜରେ ସାହିତ୍ୟର ସାମାଜିକ ଦାୟିତ୍ୱ ଅନସ୍ୱୀକାର୍ଯ୍ୟ । ପାଠ୍ୟ-ପୁସ୍ତକ ଜାତୀୟକରଣ ପରେ ପ୍ରାଇଜ୍ ସିଲାବସ୍‌ରୁ ବାହାରି ପଦାକୁ ଆସି ପାରି ନ ଥିବା ଆମ ସାହିତ୍ୟ ମଲାଣି କି ବଞ୍ଚିଛି ତଦନ୍ତ କରିବାପାଇଁ ଏକ କମିଶନ ବସିବା ଦରକାର ପଡୁଛି । ପ୍ରକୃତିର ଅତ୍ୟାଗ୍ରରୁ ଲୋକଙ୍କୁ ରକ୍ଷା କରିବାର ବିଜ୍ଞାନ ଅଭ୍ୟୁଦୟର ଗୋଟିଏ କାରଣ । ବିଜ୍ଞାନର ଅଭ୍ୟୁଦୟ ଓ ଗଣତନ୍ତ୍ର ବିକାଶ ସମ୍ବନ୍ଧଯୁକ୍ତ ବୋଲି ପ୍ରମାଣ କରିବା ହୁଏ ତ କଷ୍ଟକର । ବିଜ୍ଞାନ ପ୍ରତି ଆମର ଦୃଷ୍ଟିକୋଣ ହେଲା ଗୋଟିଏ ଅଛବ ପରି ବିଜ୍ଞାନ ଆମପାଇଁ ମୂଲଲାଗୁ । ଦେଶ ଦରିଦ୍ର ହେଲା, ଲୋକସଂଖ୍ୟାଗୁଡ଼ାଏ ବଢ଼ିଲା ବୋଲି ଉତ୍ପାଦନ ବଢ଼ାଇବାକୁ ଏ ଅଣଆଧ୍ୟାତ୍ମିକ ବିଜ୍ଞାନର ସାହାଯ୍ୟ ନେବାକୁ ପଡ଼ିଲା ସିନା ! ବିଜ୍ଞାନ ଆମର ସାମାଜିକ ଜୀବନକୁ କଳୁଷିତ କରୁଛି, ସଂସ୍କୃତି ନଷ୍ଟ କରୁଛି । ତଥାପି ତାକୁ ଯେତେବେଳେ ଛାଡ଼ି ହେଉନି, ଆମର ଆଶା ଧର୍ମକର୍ମ ଟିକିଏ ବଢ଼େଇଦେଲେ, ବିଜ୍ଞାନ ଦ୍ୱାରା ଘଟୁଥିବା କ୍ଷତିପୂରଣ ହୋଇଯିବ ।

1. ନୂତନ ଯୁଗ ଆସିବା ଦ୍ୱାରା କ'ଣ ହୁଏ ?

   (A) ମଣିଷ ନୂତନ ଯୁଗକୁ ଗ୍ରେଲେଞ୍ଜ କରେ

   (B) ପୁରାତନ ବଦଳି ଯାଏ

   (C) ଜୀବନ ଉନ୍ନତ ହୁଏ

   (D) ମଣିଷ ଯନ୍ତଣା ଭୋଗେ

Techofworld.In

Join Us-

Download Tech Of World App
WtsApp/Call- 8596976190



2. କାହାକୁ ଆମର ତନ୍ତ୍ରସାଧନା ବୋଲି କୁହାଯାଇଛି ?

Techofworld.In

(A) ଧର୍ମଭାବ ବୃଦ୍ଧିପାଇଁ ଆମର ପ୍ରଚେଷ୍ଟାକୁ

(B) ବିଜ୍ଞାନ ଉପରେ ଥିବା ଆମର ଆସ୍ଥାକୁ

(C) ଆମର ପାରମ୍ପରିକ ମନୋବୃତ୍ତିକୁ

(D) ଆମର ସିଦ୍ଧିପ୍ରାପ୍ତି ଆଶାକୁ

3. ଆମ ସାହିତ୍ୟର ଅବସ୍ଥା କିପରି ?

(A) ଆମର ସାହିତ୍ୟ କେବଳ ପାଠ୍ୟକ୍ରମ ମଧ୍ୟରେ ଆବଦ୍ଧ ହୋଇ ରହିଛି

(B) ଆମ ସାହିତ୍ୟର ମୃତ୍ୟୁ ଘଟିଛି

(C) ଆମ ସାହିତ୍ୟର ଉନ୍ନତି ସାଧିତ ହୋଇଛି

(D) ଆମ ସାହିତ୍ୟ ସାମାଜିକ ଦାୟିତ୍ୱ ନିର୍ବାହ କରୁଛି

Techofworld.In

4. ଆମେ ବିଜ୍ଞାନକୁ କେଉଁ ଦୃଷ୍ଟିରେ ଦେଖୁ ?

(A) ଧର୍ମଦ୍ରୋହୀ ଭାବରେ

(B) ପ୍ରଗତିର ହେତୁ ରୂପେ

(C) ସମସ୍ତ ଉନ୍ନତିର ମାଧ୍ୟମ ଭାବେ

(D) ସେବକ ରୂପେ

5. କ'ଣ କରାଗଲେ ବିଜ୍ଞାନ ଦ୍ୱାରା ହେଉଥିବା କ୍ଷତିପୂରଣ ହୋଇପାରିବ ବୋଲି ଆମେ ଆଶା କରୁ ?

(A) ଦାରିଦ୍ର୍ୟ ଦୂରକରିବା ଦ୍ୱାରା

(B) ଲୋକସଂଖ୍ୟା ନିୟନ୍ତ୍ରଣ ଦ୍ୱାରା

(C) ଅଧିକ ଧର୍ମପରାୟଣ ହେବା ଦ୍ୱାରା

(D) ଉତ୍ପାଦନ ବଢ଼ାଇବା ଦ୍ୱାରା

6. 'କଥା ପକାଇବା' ରୂଢ଼ିଟି କେଉଁ ଅର୍ଥରେ ପ୍ରଚଳିତ ?

(A) ନିଷ୍ପତ୍ତି କରିବା

(B) ଗୁପ୍ତକଥା ପ୍ରଘଟ କରିବା

(C) ବାଧା ଦେବା

(D) ପ୍ରସ୍ତାବ ଦେବା

7. ଦର୍ଦ୍ଦୁର-ରବ ଶୁଣି ନୀରବ ପିକ
ମୂଢ଼-ସଭାରେ ମୂକ ଯଥା ଧାର୍ମିକ ।
— ଏଥିରେ କେଉଁ ଅଳଙ୍କାର ରହିଛି ?

(A) ଉପମା

(B) ଶ୍ଲେଷ

(C) ଉତ୍ପ୍ରେକ୍ଷା

(D) ବ୍ୟତିରେକ

Join Us-

Download Tech Of World App
WtsApp/Call- 8596976190

8. 'ଅର୍ଥକୁ ଅତିକ୍ରମ ନ କରି' — ସମସ୍ତ ପଦ କ'ଣ ହେବ ?

Techofworld.In

(A) ଯଥାର୍ଥ

(B) ଅଯଥାର୍ଥ

(C) ଅନର୍ଥ

(D) ବ୍ୟର୍ଥ

9. ମାସମାନଙ୍କରେ ମାର୍ଗଶିର ଶ୍ରେଷ୍ଠ ।

— ରେଖାଙ୍କିତ ପଦଟି କେଉଁ ବିଭକ୍ତି ?

(A) ପ୍ରଥମା

(B) ତୃତୀୟା

(C) ଷଷ୍ଠୀ

(D) ସପ୍ତମୀ

10. 'ଘୋଡ଼ା ମୁହାଁ' — ଏହା କେଉଁ ସମାସ ନିଷ୍ପନ୍ନ ପଦ ?

Techofworld.In

(A) ତତ୍ପୁରୁଷ

(B) କର୍ମଧାରୟ

(C) ବହୁବ୍ରୀହି

(D) ଦ୍ୱିଗୁ

11. ନିମ୍ନ ପ୍ରଦତ୍ତ ଶବ୍ଦ ମଧ୍ୟରୁ କେଉଁଟି 'ଆ' ପ୍ରତ୍ୟୟଯୁକ୍ତ ?

(A) ମାଟିଆ

(B) ହଳିଆ

(C) ପାହାଡ଼ିଆ

(D) ତେଲିଆ

12. 'ଲୀନ' ପଦଟି କେଉଁ କୃତ୍ ପ୍ରତ୍ୟୟ ଦ୍ୱାରା ଗଠିତ ?

(A) ଇନ୍

(B) ନ

(C) ତ

(D) ଇନ

13. ନିମ୍ନପ୍ରଦତ୍ତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟିରେ 'ଷତ୍ୱ' ବିଧି ନିୟମର ବ୍ୟତିକ୍ରମ ଘଟିଛି ?

(A) ନୋଟିସ୍

(B) ଅନୁସନ୍ଧାନ

(C) ଧୂଳିସାତ୍

(D) ଦିବସ

Join Us-

Download Tech Of World App WtsApp/Call- 8596976190



14. 'କାନ୍ଧ ଲଗାଇବା' ରୂଢ଼ିର ଅର୍ଥ କ'ଣ ?

(A) କଠିନ ପରିଶ୍ରମ କରିବା

(B) ବାଧ୍ୟ କରିବା

(C) ସାହାଯ୍ୟ କରିବା

(D) ଅନିଶ୍ଚିତ ଭାବରେ କାର୍ଯ୍ୟ କରିବା

Techofworld.In

15. ଇନ୍ଦ୍ରାୟୁଧେ ତାର ଅଧ-ବିମ୍ବେ ନଭେ ଯେଉଁ ତୁଳନା ତହୁଁ ବଳି ଇନ୍ଦୁ ସଙ୍ଗେ ସୁନ୍ଦରୀର ତୁଳା ଅଳଣା । — ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ଉପମା

(B) ଉତ୍‌ପ୍ରେକ୍ଷା

(C) ବ୍ୟତିରେକ

(D) ଅନୁପ୍ରାସ

16. ସେ ଚୋରି କରିବାରୁ ଦଣ୍ଡ ପାଇଲା । — ଏହା କେଉଁ ପ୍ରକାର ବାକ୍ୟ ?

(A) ସରଳ

(B) ଜଟିଳ

(C) ଯୌଗିକ

(D) ମିଶ୍ର

17. ତାଙ୍କର ମାତୃଭାଷା <u>ପ୍ରତି</u> ପ୍ରଗାଢ଼ ଅନୁରାଗ ରହିଛି । — ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

Techofworld.In

(A) ବିଭକ୍ତିସୂଚକ

(B) ନିଶ୍ଚୟବୋଧକ

(C) ଭାବବାଚକ

(D) ପଦାନ୍ୱୟୀ

18. ପିଲାଟି ଭୂମିରେ ଶୟନ କରିଛି । — ଏଠାରେ 'ଶୟନ' କେଉଁ ପଦ ?

(A) ବିଶେଷଣ

(B) କ୍ରିୟା

(C) ବିଶେଷ୍ୟ

(D) ସର୍ବନାମ

19. ଶୁଦ୍ଧ ବାକ୍ୟଟିକୁ ଚିହ୍ନାଅ :

(A) ବାରାଣସୀ ଭାରତର ସବୁଠାରୁ ପ୍ରାଚୀନତମ ନଗରୀ ।

(B) ଶିକ୍ଷକ ଛାତ୍ରକୁ ସଂକ୍ଷେପରେ ଉତ୍ତର ଦେବାକୁ କହିଲେ ।

(C) କୋଣାର୍କର କାରୁକାର୍ଯ୍ୟ ଓଡ଼ିଆ ଶିଳ୍ପୀର ନିର୍ମାଣ ପାଟବତା ପ୍ରକାଶିତ କରେ ।

(D) ଭାରତବର୍ଷ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବିସ୍ତୃତ ।

20. ଶୁଦ୍ଧ ଶବ୍ଦଟିକୁ ବାଛ :

(A) ସମ୍ଭ୍ରାନ୍ତଶାଳୀ

(B) ପୂଜାଷ୍ପଦ

(C) ଉର୍ଦ୍ଧ

(D) ଭୁବନେଶ୍ୱର

Join Us-